**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**10 December - 2024**

**News Editor : *Itishree Singh Rathaur***

# ସ୍ମାର୍ଟ ଇଣ୍ଡିଆ ହାକାଥନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ମାର୍ଟ ଇଣ୍ଡିଆ ହାକାଥନ୍-୨୦୨୪ ଅନ୍ତିମ ପର୍ଯ୍ୟାୟର ଯୁବ ଉଦ୍ଭାବକଙ୍କ ସହ ଆସନ୍ତାକାଲି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆଲୋଚନା କରିବେ। ଏହି ପର୍ଯ୍ୟାୟରେ ୧୩ ଶହରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରୁଛନ୍ତି। ପ୍ରତିଯୋଗିତାର ଏହି ସପ୍ତମ ସଂସ୍କରଣ ଦେଶର ୫୧ଟି ନୋଡାଲ ସେଣ୍ଟରରେ ୧୭ଟି ବିଷୟବସ୍ତୁ ଆଧାରରେ ଆୟୋଜିତ ହେବ।

# ବେଆଇନ୍ ଆର୍ଥିକ ପ୍ରତିଷ୍ଠାନ

ରାଜ୍ୟର ୩୮ଟି ବେଆଇନ୍ ଆର୍ଥିକ ପ୍ରତିଷ୍ଠାନର ମୋଟ୍ ୧ ହଜାର ୪୭୨ ଡେସିମିଲ୍‌ରୁ ଊର୍ଦ୍ଧ୍ୱ ସ୍ଥାବର ସମ୍ପତ୍ତି ବାଜ୍ୟାପ୍ତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏ ପର୍ଯ୍ୟନ୍ତ ୬୬ଟି ବେଆଇନ ଆର୍ଥିକ ପ୍ରତିଷ୍ଠାନର ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି ସଂକ୍ରାନ୍ତ ୮୯ଟି ପ୍ରସ୍ତାବକୁ ଅନୁଧ୍ୟାନ ପରେ ରାଜ୍ୟ ସରକାର ମଧ୍ୟବର୍ତ୍ତୀକାଳୀନ ଅନୁମତି ପ୍ରଦାନ କରିଛନ୍ତି। ସେଥିମଧ୍ୟରୁ ୪୦ଟି

ମାମଲାରେ ସରକାରଙ୍କ ଅନୁମତି ନ୍ୟାୟାଳୟ କାଏମ ରଖିଥିବା ମୁଖ୍ୟମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି। ନ୍ୟାୟାଳୟଙ୍କ ଆଦେଶ ମୁତାବକ ୩ଟି ବେଆଇନ ଆର୍ଥିକ ପ୍ରତିଷ୍ଠାନର ସମ୍ପତ୍ତି ନିଲାମ ଏବଂ ବ୍ୟାଙ୍କ ଜମାଜବତ ଅର୍ଥରୁ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଫେରସ୍ତ ପ୍ରକ୍ରିୟା ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ବିଧାନ ପରିଷଦ ଗଠନ

ଓଡ଼ିଶା ବିଧାନ ପରିଷଦ ଗଠନ ସମ୍ପର୍କିତ ପ୍ରସ୍ତାବ ଗତ ୨୦୧୮ ସେପ୍ଟେମ୍ବର ୧୮ ତାରିଖରୁ ସଂସଦର ଅନୁମୋଦନ ପାଇଁ ପଠାଯାଇଛି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ବିଧାନସଭାରେ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ବିଧାନ ପରିଷଦ ଗଠନ ନେଇ ଗତ ୨୦୧୮ ସେପ୍ଟେମ୍ବର ୬ ତାରିଖରେ ବିଧାନସଭାରେ ଏକ ସଂକଳ୍ପ ପାରିତ ହୋଇଥିଲା। ଏହାର ଅନୁମୋଦନ ପାଇଁ ରାଜ୍ୟସଭା, ଲୋକସଭା ସଚିବାଳୟର ସଚିବ, ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ଏବଂ ବିଧିନ୍ୟାୟ ମନ୍ତ୍ରଣାଳୟ ସଚିବଙ୍କ ନିକଟକୁ ସେହି ବର୍ଷ ସେପ୍ଟେମ୍ବର ୧୮ ତାରିଖରୁ ପଠାଯାଇସାରିଛି ବୋଲି ମନ୍ତ୍ରୀ ଡକ୍ଟର ମହାଲିଙ୍ଗ ଗୃହରେ କହିଛନ୍ତି।

## ଆୟୁଷ୍ମାନ ବୟ ବନ୍ଦନା କାର୍ଡ

ଆୟୁଷ୍ମାନ ବୟ ବନ୍ଦନା କାର୍ଡ ଯୋଜନାରେ ପଞ୍ଜୀକୃତ ହିତାଧିକାରୀଙ୍କ ସଂଖ୍ୟା ୨୫ ଲକ୍ଷରେ ପହଁଞ୍ଚିଛି। ଦେଶର ୭୦ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ପ୍ରଦାନ ଲକ୍ଷ୍ୟରେ  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ଅକ୍ଟୋବର ମାସ ୨୯ ତାରିଖରେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ଇତିମଧ୍ୟରେ ଏହି ଯୋଜନା ଅଧୀନରେ ୨୨ ହଜାରରୁ ଅଧିକ ବରିଷ୍ଠ ନାଗରିକ ଉପକୃତ ହେବା ସହ ଏ ବାବଦରେ ୪୦ କୋଟିରୁ ଅଧିକ ଟଙ୍କା ବ୍ୟୟ ହୋଇଛି।

## ଜମାରାଶି ପରିମାଣ ବୃଦ୍ଧି

ରାଜ୍ୟରେ ଗତ ୫ଟି ଆର୍ଥିକ ବର୍ଷ ମଧ୍ୟରେ ମୋଟ୍ ଜମାରାଶି ପରିମାଣ ବୃଦ୍ଧି ପାଇଛି ବୋଲି ଅର୍ଥବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବିଧାନସଭାରେ ଗତକାଲି ଏ ସଂକ୍ରାନ୍ତ ତଥ୍ୟ ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୧୯-୨୦୨୦ ଆର୍ଥିକ ବର୍ଷଠାରୁ ବର୍ଷଓ୍ୱାରୀ ଜମାରାଶିରେ ଅଭିବୃଦ୍ଧି ଘଟିଛି ବୋଲି ସେ କହିଛନ୍ତି। ଗତ ମାର୍ଚ୍ଚ ମାସ ସୁଦ୍ଧା ବ୍ୟାଙ୍କ ଜମାରାଶି ପରିମାଣରେ ୧୪ ଦଶମିକ ୫/୪ ପ୍ରତିଶତ ବୃଦ୍ଧି ଘଟିଛି। ସେହିଭଳି ଡାକଘରେ ଜମାରାଶି ଅର୍ଥ ପରିମାଣ ମଧ୍ୟ ବୃଦ୍ଧି ପାଇଛି ବୋଲି ମୁଖ୍ୟମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

## ରେଳ ଫ୍ଲାଏଓଭର ନିର୍ମାଣ

କଟକ ଏବଂ ରାୟଗଡ଼ା ଜିଲ୍ଲାରେ ଦୁଇଟି ପ୍ରମୁଖ ରେଳ ଫ୍ଲାଏଓଭର ନିର୍ମାଣ ପାଇଁ ରେଳ ମନ୍ତ୍ରଣାଳୟ ୫୦୯ କୋଟି ଟଙ୍କା ମଞ୍ଜୁରି ପ୍ରଦାନ କରିଛି। ଭାରତୀୟ ରେଳବାଇର ଶକ୍ତି, ଖଣିଜ ଏବଂ ସିମେଣ୍ଟ କରିଡର ଯୋଜନାର ଏକ ଅଂଶସ୍ୱରୂପ ଏହି ଫ୍ଲାଏଓଭର ନିର୍ମାଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହି ଫ୍ଲାଏଓଭର ବ୍ରିଜ୍ ଦ୍ୱାରା କଟକ ଜିଲ୍ଲାର ନିର୍ଗୁଣ୍ଡି-କଟକ-ବାରଙ୍ଗ-ରାଜଆଠଗଡ଼ ଅଞ୍ଚଳରେ ଏବଂ ରାୟଗଡ଼ା ଜିଲ୍ଲାର ରାୟଗଡ଼-ସିଙ୍ଗାପୁର ରୋଡ୍ ରେଳମାର୍ଗରେ ଯାତାୟାତ ଅଧିକ ସହଜ ଏବଂ ସମୟାନୁବର୍ତ୍ତୀ ହୋଇପାରିବ।

## ଓଡ଼ିଶା ପ୍ରଶାସନିକ ସେବା ପଦ

ଓଡ଼ିଶା ପ୍ରଶାସନିକ ସେବା ପାହ୍ୟାର ୪୭୩ଟି ପଦ ଖାଲି ପଡ଼ିଛି। ଓଡ଼ିଶା ଅର୍ଥସେବାରେ ୨୭୦ ଏବଂ ଜଙ୍ଗଲ ସେବାରେ ୫୭୯ଟି ପଦ ଖାଲି ପଡ଼ିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ମୋଟ୍ ମଞ୍ଜୁରୀ ପ୍ରାପ୍ତ ୨ ହଜାର ୨୪୮ଟି ପଦବୀ ମଧ୍ୟରୁ ୧ ହଜାର ୭୭୫ଟି ପଦବୀ ପୂରଣ ହୋଇସାରିଛି। କନିଷ୍ଠ ଓଏଏସ୍ ବର୍ଗରେ ଅଧିକ ପଦବୀ ଖାଲିପଡ଼ିଥିବା ମୁଖ୍ୟମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି। ସେହିଭଳି ଭାରତୀୟ ପୁଲିସ

ସେବାର ୧୯୫ଟି ମଞ୍ଜୁରୀ ପ୍ରାପ୍ତ ପଦବୀ ମଧ୍ୟରୁ ୬୮ଟି ଖାଲି ପଡ଼ିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ

ଓଡ଼ିଶା ସରକାର ଏବଂ ୟୁନିଭରସିଟି ଅଫ୍ ସିକାଗୋ ଟ୍ରଷ୍ଟର କାର୍ଯ୍ୟକାରିତାକୁ ନୋବେଲ ପୁରସ୍କାର ବିଜେତା ପ୍ରଫେସର ମାଇକେଲ କ୍ରେମର ଉଚ୍ଚପ୍ରଶଂସା କରିଛନ୍ତି। ଓକାକ୍ ପରିସରରେ ଡାଟା, ପଲିସି ଏବଂ ଇନୋଭେସନ୍ କେନ୍ଦ୍ରର ନୂତନ କାର୍ଯ୍ୟାଳୟକୁ  ଗତକାଲି ଉଦ୍‌ଘାଟନ କରିବା ଅବସରରେ ପ୍ରଫେସର କ୍ରେମର ରାଜ୍ୟରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ହେଉଥିବା ଅଭିବୃଦ୍ଧିକୁ ଉଲ୍ଲେଖନୀୟ ବୋଲି କହିଛନ୍ତି। ଶକ୍ତି, ପରିବେଶ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଏବଂ ଜଳ ପରିମଳ ଆଦି ବିଭିନ୍ନ କ୍ଷେତ୍ରରେ ଗବେଷଣା, ତଦାରଖ ଏବଂ ମୂଲ୍ୟାଙ୍କନ ପାଇଁ ଏହି କେନ୍ଦ୍ର ମାଧ୍ୟମରେ ତଥ୍ୟ ଉପଲବ୍ଧ ହୋଇପାରିବ ବୋଲି ଇଲେକ୍‌ଟ୍ରୋନିକ୍ସ ଓ ସୂଚନା  ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ କୁହାଯାଇଛି।

## କ୍ରୀଡ଼ା ପୁରସ୍କାର

ରାଜ୍ୟର କ୍ରୀଡ଼ା କ୍ଷେତ୍ରର ବିକାଶ ପାଇଁ ସରକାର ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବେ ବୋଲି କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ବିଭିନ୍ନ କ୍ରୀଡ଼ାରେ ଉତ୍କର୍ଷ ପ୍ରତିପାଦନ କରିଥିବା କ୍ରୀଡ଼ାବିତ୍‌ଙ୍କୁ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ଯୋଗଦେଇ କ୍ରୀଡ଼ାମନ୍ତ୍ରୀ ଏହା କହିଛନ୍ତି। ଗତକାଲି ୧୬ଟି

କ୍ରୀଡ଼ାବର୍ଗରେ ସଫଳତା ଅର୍ଜନ କରିଥିବା ୬୫ ଜଣ କ୍ରୀଡ଼ାବିତ୍ ୫୩ ଲକ୍ଷ ୭ ହଜାର ୫୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି ।